## ଓଡ଼ିଆ ଭାଷାର ମହତ୍ତ୍ୱ ବୃଦ୍ଧି ପାଇଁ ସଚେତନତା ଆବଶ୍ୟକ

ବ୍ରହ୍ମପୁର,୧୧।୩(ଅଶୋକ କୁମାର ସାହୁ):

ଓଡ଼ିଆ ଭାଷା ଆନ୍ଦୋଳନ ତରଫରୁ ବିଜିପୁର ସନ୍ତୋଷୀ ମା କଲ୍ୟାଣ ମଣ୍ଡପରେ ତ୍ରିନାଥ ମହାରଣାଙ୍କ ଅଧ୍ୟକ୍ଷତାରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ସଭାପତି ଶ୍ରୀ ମହାରଣା ସୂଚନା ଦେବା ପରେ ସମ୍ପାଦକ ହରେକୃଷ୍ଣ ପଣ୍ଡା ଓଡ଼ିଆ ଶାସ୍ତ୍ରୀୟ ଭାଷା ମାନ୍ୟତା କେଉଁ ଆଧାରରେ ପାଇଛି ତାହା ନିଜ ବକ୍ତବ୍ୟରେ କହି ଆମ ଭାଷାର ମର୍ଯ୍ୟାଦା ରକ୍ଷା ପାଇଁ ଯୁବ ପିଢ଼ିକୁ ଉତ୍ସାହିତ କରିବା ଆବଶ୍ୟକ କହିଥିଲେ। ମୁଖ୍ୟ ବକ୍ତା ରୂପେ ଡ଼ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଭାଷା ତତ୍ତ୍ୱ, ଭାରତୀୟ ଭାଷାର ଉଦ୍ଭବ ଓ ବିକାଶ, ଓଡ଼ିଆ ଭାଷାର ମହତ୍ତ୍ୱ ଉପସ୍ଥାପନ କରିଥିଲେ। ଏହି ସଭାରେ ମୋହନ ଚରଣ ସ୍ୱାଇଁ, କିଶୋର ଚନ୍ଦ୍ର ଗନ୍ତାୟତ, ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଙ୍କଜ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଗବତ ସପ୍ତାହ ଉପଲକ୍ଷେ କଳସ ଯାତ୍ରା

ପାତ୍ରପୁର,୧୧।୩(ଉମା ଚରଣ ନେପାକ):

ପାତ୍ରପୁର ବ୍ଲକ ବାଦପୁରଠାରେ ୭ଦିନ ବ୍ୟାପୀ ଭାଗବତ ପାରାୟଣ ଲାଗି ବୁଧବାର ଅପରାହ୍ନରେ କଳସ ଯାତ୍ରା ହୋଇଛି। ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ସହିତ ପ୍ରାୟ ୩୦୦ ମହିଳା ଗାଁ ପୋଖରୀରୁ କଳସରେ ଜଳ ଆଣିଥିଲେ। ସ୍ୱାମୀ ଶର୍ମିଷ୍ଠା ନନ୍ଦ ସରସ୍ୱତୀ (ଋଷିକେଶ)ଙ୍କ ଦ୍ୱାରା ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଭାଗବତ ପ୍ରବଚନ ହୋଇଥିଲା। ଏହି କାର୍ଯ୍ୟକ୍ରମ ସାତଦିନ ଧରି ଚାଲିବାକୁ ଥିବାବେଳେ ମୁରଲୀ ପଣ୍ଡାଙ୍କୁ କର୍ତ୍ତା ଭାବେ ଦାୟିତ୍ୱ ଦିଆଯାଇଛି। ପ୍ରତ୍ୟେକ ଦିନ ଭାଗବତ ପାରାୟଣ ସନ୍ଧ୍ୟା ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ପ୍ରବଚକମାନେ ପ୍ରବଚନ ଦେବେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ପାଳିତ

ବୁଗୁଡ଼ା,୧୧।୩(କାଳିଚରଣ ଦାଶ)

ସ୍ଥାନୀୟ ସତସଙ୍ଗ କେନ୍ଦ୍ର ପକ୍ଷରୁ ସୂର୍ଯ୍ୟନଗରସ୍ଥିତ ଉତ୍ସବ ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ଓ ବ୍ଲକସ୍ତରୀୟ ୨୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ, ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ପ୍ରାତଃ କାଳରେ ସମବେତ ଉଷା ବିନତି ପ୍ରାର୍ଥନା, ପୂର୍ବାହ୍ନରେ ନଗର କୀର୍ତ୍ତନ ସହ ସତସଙ୍ଗ ସଦାଲୋଚନା କରାଯାଇଥିଲା। ଏହି ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଅଧ୍ୱର୍ଯ୍ୟ ନିରଞ୍ଜନ ବିଶ୍ୱାଳ ଯୋଗଦେଇ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶୃଙ୍ଖଳିତ ଜୀବନଚର୍ଯ୍ୟା ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯାଜକ ବିଘ୍ନେଶ୍ୱ ଦୋରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପରିଶେଷରେ ଉତ୍ସବ କମିଟି ସଭାପତି ଦୁର୍ଗା ମାଧବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ୧୪ରେ ଟିପିଏସଓଡିଏଲ ଉପଭୋକ୍ତାଙ୍କ ନିମନ୍ତେ ଲୋକ ଅଦାଲତ

ବ୍ରହ୍ମପୁର,୧୧।୩(ସୁବାସ ଚନ୍ଦ୍ର ପାଢ଼ୀ)

ଟିପିଏସଓଡିଏଲ ପକ୍ଷରୁ ଆସନ୍ତା ୧୪ ତାରିଖରେ ଚତୁର୍ଥ ଜାତୀୟ ଲୋକ ଅଦାଲତ ଓ ପ୍ରବର୍ତ୍ତନ ସମାଧାନ ଶିବିର ଅନୁଷ୍ଠିତ ହେବ। ଉପଭୋକ୍ତାଙ୍କ ଦ୍ୱାରା ଅନଧିକୃତ ବିଦ୍ୟୁତ ବ୍ୟବହାର ତଥା ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାର ସମାଧାନ କରାଯିବ। ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କୋରାପୁଟ, ରାୟଗଡା, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ସମସ୍ତ ଟିପିଏସଓଡିଏଲ ଡିଭିଜନ, ସବ-ଡିଭିଜନ, ସେକ୍ସନ ଅଫିସ ଓ ନିର୍ଦ୍ଦିଷ୍ଟ କୋର୍ଟ ପରିସରରେ ଏକକାଳୀନ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ଶିବିରଗୁଡ଼ିକ ସକାଳ ୯ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଖୋଲା ରହିବ ।

# ଜିଲାରେ ବଢୁଛି ଦୁର୍ଘଟଣା, କଡ଼ାକଡ଼ି ହେବ ଯାଞ୍ଚ

ଛତ୍ରପୁର,୧୧।୩(ଦିଲୀପ ସାମଲ)



■ଜିଲା ସଡକ ସୁରକ୍ଷା କମିଟି ବୈଠକ
■୨ ମାସରେ ୭୬୧ଟି ଡିଏଲ୍ ରଦ୍ଦ

ଗଞ୍ଜାମ ଜିଲାରେ ସଡ଼କ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଛି। ବୁଧବାର ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗଞ୍ଜାମ ଆରଟିଓ ଇ.ଦେବାଶିଷ ସ୍ୱାଇଁ ସୂଚନା ଦେଇଥିଲେ ଯେ, ୨୦୨୫ ଜାନୁଆରୀରୁ ଫେବୃଆରୀ ମଧରେ ଜିଲାରେ ୧୨୭ଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ୬୦ଲୋକଙ୍କ ମୃତ୍ୟୁ ହୋଇଥିଲା। ୭୧ ଜଣ ଆହତ ହୋଇଥିଲେ । ସେହି ତୁଳନାରେ ୨୦୨୬ରେ ଜାନୁଆରୀ ଓ ଫେବ୍ରୁଆରୀରେ ୧୭୦ଟି ଦୁର୍ଘଟଣା ହୋଇଥିବା ବେଳେ ୧୦୫ ଜଣଙ୍କ ମୃତ୍ୟୁ ଓ ୧୦୬ ଜଣ ଆହତ ହୋଇଛନ୍ତି। ବିଶେଷ କରି ରାଜପଥ ଗୁଡିକରେ ଅଧିକ ଦୁର୍ଘଟଣା ଘଟିଛି। କିପରି ଏହା ଉପରେ ରୋକ ଲାଗିବ ସେନେଇ ଏନଫୋର୍ସମେଣ୍ଟକୁ କଡାକଡି କରିବାକୁ କୁହାଯାଇଛି । ପୁରୁଷୋତ୍ତମପୁର ଠାରୁ କୋଦଳା ରାସ୍ତାରେ ବ୍ୟାରିକେଡ ଲଗାଯିବ। ବେପରୁଆ ଗାଡି ଚାଳନା ପାଇଁ ୨ ମାସରେ ୭୬୧ଟି ଡାଇଭିଂ ଲାଇସେନ୍ସ (ଡିଏଲ) ରଦ୍ଦ କରାଯାଇଥିବା ବେଳେ କେବଳ ଜାନୁଆରୀରେ ୧୦ ହଜାର ୧୧ଟି ଚାଲାଣ କଟାଯାଇଛି। ଗଞ୍ଜାମ ଜିଲାରେ ସଡକ ଦୁର୍ଘଟଣା ହାର ଓଡିଶାରେ ୩ୟ ସ୍ଥାନ ରହିଥିବା ବେଳେ ଜାତୀୟ ସ୍ତରରେ ୯୦ । ଏହାକୁ ରୋକିବା ଉପରେ ଜିଲାପାଳ ଅଧିକ ଗୁରୁତ୍ୱ ଦେଇଥିଲେ ।

ଛତ୍ରପୁର କଲେଜ ଛକ ଓ ଡିଆରଡିଏ ଓଭର ବ୍ରିଜ ପାଇଁ ଅନୁମୋଦନ ମିଳିଥିବା ବେଳେ ତାହା ତୁରନ୍ତ କାମ ଆରମ୍ଭ ହେବ। ହୁମ୍ମା ଓଭର ବ୍ରିଜ କାମ ମଧ ତୁରନ୍ତ କାମ ଆରମ୍ଭ ହେବ ବୋଲି ଜିଲାପାଳ କହିଥିଲେ। ଜାତୀୟସ୍ତରର ରାହା ଭୀର ଓ ପିଏମ ରାହାତ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ୨ ଯୋଜନାରେ କ'ଣ ସବୁ ଲାଭ ରହିଛି ସେ ସଂପର୍କରେ ବିଭିନ୍ନ ଜାତୀୟ ରଜପଥରେ ହୋଡିଂ ଲଗାଯିବାକୁ ଜିଲାପାଳ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ରାଜପଥ ଆମ୍ବୁଲାନ୍ସ ସଂଖ୍ୟା ବୃଦ୍ଧି କରାଯିବ। ଟ୍ରାଫିକ ଜଗିବା ପାଇଁ ୫୦ଟି ଟ୍ରାଫିକ ୱାଡେନ ଆସିବେ । ୨୦ଟି ମଦ୍ୟପାନ ଯାଞ୍ଚ ମେଶିନ ଏବଂ ବଡି କ୍ୟାମେରା ମଧ ଆସିବା ବୋଲି ବୈଠକରେ କୁହାଯାଇଛି। ଛତ୍ରପୁର କଲେଜ ଛକ ଓ ଡିଆରଡିଏ ଛକ ଏହିପରି ୩ ଭିୟୁପି ପାଇଁ ଅନୁମୋଦନ ହେବା ସହ ଟେଣ୍ଡର ହୋଇ ସାରିଛି। ଖୁବଶୀଘ୍ର ଏହାର କାମ ଆରମ୍ଭ ହେବ ବୋଲି ବୈଠକରେ ପିଡିଏନଏଚଏଆଇ ଜେ.ପି ବର୍ମା କହିଥିଲେ । ବୈଠକରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର.ଏନଏଚଏଆଇ ପିଡି ଜେ.ପି ବର୍ମା ଗଞ୍ଜାମ ଆରଟିଓ ଇଂ.ଦେବାଶିଷ ସ୍ୱାଇଁ, ଭଞ୍ଜନଗର ଆରଟିଓ ଭାଗିରଥି ନାୟକଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଛାତ୍ରୀଛାତ୍ର ନିର୍ଭୁଲ ଓଡ଼ିଆ ଭାଷା କହିବା ଓ ଲେଖିବା ଉପରେ ଗୁରୁତ୍ୱ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

ବ୍ରହ୍ମପୁର,୧୧।୩(ସୁବାସ ଚନ୍ଦ୍ର ପାଢ଼ୀ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭାଗରେ ଏକ ସଭାରେ ଆୟୋଜନ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଡ. ଉଷାରାଣୀ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପ ଅର୍ପଣ ପୂର୍ବକ ଉଦଘାଟନ କରିଥିଲେ ମୁଖ୍ୟଅତିଥି ତଥା ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ । ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନର ମହତ୍ତ୍ୱ ସୂଚାଇବା ସହ ଛାତ୍ରଛାତ୍ରୀ ନିର୍ଭୁଲ ଓଡ଼ିଆ ଭାଷା କହିବା ଓ ଲେଖିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । କାର୍ଯ୍ୟକ୍ରମର ସୂଚନା ଦେଇ ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥ ଶାସ୍ତ୍ରୀୟ ମାନ୍ୟତାର ବିଭିନ୍ନ ମାନଦଣ୍ଡରେ ଓଡ଼ିଆ ଭାଷା ଉତ୍ତୀର୍ଣ୍ଣ ହେବା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ବିଭାଗର ଡ. ବନମାଳୀ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ଓଡ଼ିଆ ଭାଷା ପ୍ରତି ଶ୍ରଦ୍ଧାଶୀଳ ଓ ଉତ୍ସର୍ଗୀକୃତ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡ. ମନୋରଞ୍ଜନ ବିଷୋୟୀ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ଉପସ୍ଥାପନା କରିଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଷୋୟୀ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବିଶୁଦ୍ଧ ପାନୀୟଜଳ ପାଇଁ ବେଲଗାଁ ପଞ୍ଚାୟତ ପୁରସ୍କୃତ

ହିଞ୍ଜିଳିକାଟୁ, ୧୧ ।୩(ଦ୍ୱିତୀକୃଷ୍ଣ ପଣ୍ଡା)

ପଞ୍ଚାୟତରେ ଜଳ ଜୀବିକା ମିଶନ ଆନୁକୁଲ୍ୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପରିଚାଳନାରେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ୍ ବେଲଗାଁ ପଞ୍ଚାୟତ ପୁରସ୍କୃତ ହୋଇଛି। ବୁଧବାର ଦିଲୀ ବିଜ୍ଞାନ ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଯୋଗ ଦେଇଥିବା ବେଳେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି. ଆର୍, ପାଟିଲଙ୍କଠାରୁ ବେଲଗାଁ ସରପଞ୍ଚ ଲକ୍ଷ୍ମୀ ସାହୁ ପୁରସ୍କାର ଗ୍ରହଣ କରିଛନ୍ତି। ଗ୍ରାମ ପଞ୍ଚାୟତ ପୁରସ୍କୃତ ହେବା ପରେ ବ୍ଲକ୍, ପଞ୍ଚାୟତରେ ଖୁସି ପ୍ରକାଶ ପାଇଛି।



କେନ୍ଦ୍ର ଜଳ ଶକ୍ତିମନ୍ତ୍ରୀ ସି.ଆର୍. ପାଟିଲଙ୍କଠାରୁ ବେଲଗାଁ ସରପଞ୍ଚ ଲକ୍ଷ୍ମୀ ସାହୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ଡକାୟତି ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର, ୧୧।୩ (ସୁବାସ ଚନ୍ଦ୍ର ପାଢ଼ୀ):

ଓପିଆଇଡ଼ି ଜଜ ସଂଗୀତା ପାଣି ଏକ ଡକାୟତି ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ଅଭିଯୁକ୍ତ ସୁମନ ସାହୁଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଏମକେସିଜି ମେଡିକାଲ ନିକଟରେ କୃଷ୍ଣ ଚନ୍ଦ୍ର ମେଡିକାଲ ଷ୍ଟୋର ରହିଛି। ୨୦୧୩ ଅଗଷ୍ଟ ୫ ତାରିଖ ସକାଳେ ଷ୍ଟୋର ମାଲିକ ଏ.କୃଷ୍ଣ ମୂର୍ତ୍ତି ପାତ୍ର ସେଠାରେ ବସି ବ୍ୟବସାୟ କରୁଥିଲେ। ୫ଜଣ ଯୁବକ ଷ୍ଟୋରରେ ପହଞ୍ଚି ତାଙ୍କୁ ଦାଦାବଟି ମାଗିଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଉକ୍ତ ଷ୍ଟୋର କ୍ୟାସ କାଉଣ୍ଟରରେ ଥିବା ୧ଲକ୍ଷ ୮୦ ହଜାର ଟଙ୍କା ଲୁଟି ନେଇଥିଲେ। ଷ୍ଟୋର ମାଲିକଙ୍କ ଅଭିଯୋଗ ପରେ ବୈଦ୍ୟନାଥପୁର ଥାନା ପୋଲିସ ୨୦୪/୧୩ ରେ ଏକ ମାମଲା ରୁଜୁ କରିଥିଲା। ଏଥିରେ ସମ୍ପୃକ୍ତ ଥିବା ସୁମନ ସାହୁ ସମେତ ୫ ଜଣଙ୍କୁ ତତ୍କାଳୀନ ଥାନାଧିକାରୀ ଦୀପକ ମିଶ୍ର ଗିରଫ କରି କୋର୍ଟ ଚାଲାଣ କରିଥିଲେ। କିଛିମାସ ପରେ ସମସ୍ତେ ଜାମିନ ପାଇଥିଲେ। ମାମଲାର ବିଚାରଣା ଚାଲିଥିବା ବେଳେ ସୁମନ ବ୍ୟତୀତ ଅନ୍ୟାନ୍ୟ ମାନେ କୋର୍ଟରେ ହାଜର ହୋଇନଥିବାରୁ ତାଙ୍କ ବିରୋଧରେ ୱାରେଣ୍ଟ ଜାରି ହୋଇଥିଲା। ମାମଲାର ବିଚାରଣା ବେଳେ ୧୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦ୍ଦୁଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଭାକର ସାବତ ମକଦ୍ଦମା ପରିଚାଳନା କରିଥିଲେ।

## ମାତୃଭାଷା ପ୍ରତି ଆନ୍ତରିକତା ନ ରହିଲେ ଭାଷା ବିପଦାପନ୍ନ ହୋଇପଡ଼ିବ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୧୧।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର୍ ଗୀତାଞ୍ଜଳି ଦାଶଙ୍କ ସାଗ୍ରହ ଅନୁମତି ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର୍ ସୁକାନ୍ତ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ସ୍ନାତକୋତ୍ତର ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଫେସର୍ ବିଷ୍ଣୁ ଚରଣ ଚୌଧୁରୀ ମୁଖ୍ୟବକ୍ତା ରୂପେ ଯୋଗଦେଇ ମାତୃଭାଷା ପ୍ରତି ଉତ୍ତର ପିଢ଼ି ମଧ୍ୟରେ ଯଦି ଆନ୍ତରିକତା ରହିବ ନାହିଁ, ତା' ହେଲେ ସେ ଭାଷାର ଭବିଷ୍ୟତ ବିପଦାପନ୍ନ ହୋଇପଡ଼ିବ ବୋଲି କହିଥିଲେ। ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. ସମୀର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଆଲୋଚନା ସଭାରେ ବିଭାଗୀୟ ପ୍ରଫେସର୍ ଡ. ସଦାନନ୍ଦ ନାୟକ, ଅତିଥି ସହଯୋଗୀ ପ୍ରଫେସର୍ ଡ. କୃଷ୍ଣପ୍ରସାଦ ମହାପାତ୍ରଙ୍କ ସମେତ ବିଭାଗର ଗବେଷକ, ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## ଇଣ୍ଟର-ଷ୍ଟେଟ ସାଇବର ଠକେଇ , ମ୍ୟୁଲ୍ ଆକାଉଣ୍ଟ ଅପରେଟର ଗିରଫ

ବ୍ରହ୍ମପୁର, ୧୧।୩(ସୁବାସ ଚନ୍ଦ୍ର ପାଢ଼ୀ):

ଅପରେସନ ସାଇବର କବଚ ଜରିଆରେ ବ୍ରହ୍ମପୁର ସାଇବର ପୋଲିସ ଏକ ଜାତୀୟ ସ୍ତରର ସିଣ୍ଡିକେଟ ଠାବ କରିଛି। ଏହି ସିଣ୍ଡିକେଟ୍ର ମୁଖ୍ୟ ଅପରେଟର୍ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣଙ୍କ ପ୍ରାୟ ୬୦ରୁ ୭୦ଟି "ମ୍ୟୁଲ ଆକାଉଣ୍ଟ" ପରିଚାଳନା କରୁଥିଲେ। ଏହି ଆକାଉଣ୍ଟ ଗୁଡ଼ିକ ଦେଇ ପ୍ରାୟ ୨ କୋଟିର ଠକେଇ ଟଙ୍କା କରାଯାଉଥିଲା ବୋଲି ତଦନ୍ତ ବେଳେ ଜଣାପଡିଛି। ଗିରଫ ଅଭିଯୁକ ଜଣଙ୍କ ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅନ୍ତର୍ଗତ କାନ୍ତିଆଗଡ଼ର ଜ୍ୟୋତି ରଞ୍ଜନ ଓରଫ ରୋହନ ପ୍ରଧାନ (୨୧)। ବ୍ରହ୍ମପୁର ସାଇବର ପୋଲିସ ଅଭିଯୁକ୍ତ ନିକଟରୁ ଏକ ମୋବାଇଲ ଫୋନ ଜବତ କରିଛି। ଯେଉଁଥିରେ ଅବୈଧ ଆର୍ଥିକ ଲେନ ଦେନର ପ୍ରମାଣ ପୋଲିସକୁ ମିଳିଛି। ଅଭିଯୁକ୍ତଙ୍କୁ ଜେରା ବେଳେ ଏହି ସିଣ୍ଡିକେଟ ଅତ୍ୟନ୍ତ ସଂଗଠିତ ଭାବରେ କାମ କରୁଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଠକେଇ ଟଙ୍କାକୁ ଆଇନଗତ ବ୍ୟାଙ୍କିଂ ବ୍ୟବସ୍ଥାରେ କାର୍ଯ୍ୟକ୍ଷମ କରୁଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ଅଭିଯୁକ୍ତ ଜ୍ୟୋତି ରଞ୍ଜନ ତାଙ୍କର ଅନ୍ୟ ସାଙ୍ଗମାନଙ୍କ ସହିତ ମିଶି ୫୦ରୁ ୭୦ଟି ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ। ସରଳ ବ୍ୟକ୍ତିମାନଙ୍କୁ ମାସିକ ଆର୍ଥିକ ଲୋଭ, ମିଛ ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରୁଥଲେ। ପରେ ସେହି ଲୋକମାନେ ନିଜ ଆକାଉଣ୍ଟ ଖୋଲି ପାସ୍ବୁକ, ଏଟିଏମ କାର୍ଡ ଓ ଚେକ ବୁକ ସିଧାସଳଖ ଅଭିଯୁକ୍ତଙ୍କୁ ଦେଇଦେଉଥିଲେ। ପରେ ଉକ୍ତ ଆକାଉଣ୍ଟଗୁଡ଼ିକୁ ସାଇବର କିଙ୍ଗପିନ୍ମାନଙ୍କୁ ହସ୍ତାନ୍ତର କରାଯାଉଥିଲା, ଯାହା ଦେଇ କଳା ଟଙ୍କାକୁ ବେଆଇନ ଭାବରେ ଆଇନଗତ କରାଯାଉଥିଲା ବୋଲି ଜଣାପଡିଛି। ୧୦ଟି ଏକାଉଣ୍ଟ ଯାଞ୍ଚ ବେଳେ ଉକ୍ତ ଆକାଉଣ୍ଟ ମାଧ୍ୟମରେ ୨ କୋଟିରୁ ଅଧିକ ଠକେଇ ହୋଇଛି। ଏହାର ଜାତୀୟ ସ୍ତରରେ ବ୍ୟାପ୍ତି ରହିଛି, ଯେଉଁଥିରେ ମହାରାଷ୍ଟ୍ର , ଗୁଜରାଟ ,ଉତ୍ତର ପ୍ରଦେଶ , ହରିୟାଣା ପଞ୍ଜାବ, ହିମାଚଳ ପ୍ରଦେଶ ,ପଶ୍ଚିମବଙ୍ଗ, ତେଲଙ୍ଗାନା, ତାମିଲନାଡୁ କର୍ଣ୍ଣାଟକ, କେରଳ ଓ ଆନ୍ଧ୍ରପ୍ରଦେଶ। ଏବେବି ୫୦ରୁ ୬୦ଟି ବ୍ୟାଙ୍କ ଆକାଉଣ୍ଟର ତଦନ୍ତ ଜାରି ରହିଛି। ସାଧାରଣ ଲୋକଙ୍କୁ ପରାମର୍ଶ ଦିଆଯାଉଛି ଯେ କୌଣସି ପ୍ରଲୋଭନରେ ପଡ଼ି ନିଜ ବ୍ୟାଙ୍କ ଆକାଉଣ୍ଟ ଅନ୍ୟକୁ ଦେବା ଉଚିତ ନୁହେଁ। ସନ୍ଦେହଜନକ କାର୍ଯ୍ୟକଳାପ ଦେଖିଲେ ତୁରନ୍ତ ସାଇବର ପୋଲିସ୍କୁ ଜଣାନ୍ତୁ ବୋଲି ବ୍ରହ୍ମପୁର ଏସପି ଡା. ସର୍ଣା ବିବେକ ଏମ ସୂଚନା ଦେଇଛନ୍ତି।

## ଓକିଲଙ୍କ ବାଇକ୍ ଚୋରି ମାମଲାର ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଦିଗପହଣ୍ଡି, ୧୧।୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘ ବରିଷ୍ଠ ସଦସ୍ୟ ଲକ୍ଷ୍ମୀ ନାରାୟଣ ପାଢ଼ୀଙ୍କ ବାଇକ୍ ଚୋରି ମାମଲାରୁ ଅଭିଯୁକ୍ତ ଜଗନ୍ନାଥ ବିଷୋୟୀ ନିର୍ଦ୍ଦୋଷରେ ଖଲାସହୋଇଛନ୍ତି। ତାଙ୍କୁ ଦିଗପହଣ୍ଡି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଳିମା ଷଡ଼ଙ୍ଗୀ ଆବଶ୍ୟକ ସାକ୍ଷ୍ୟପ୍ରମାଣ ଅଭାବରୁ ବୁଧବାର ମାମଲା (ନଂ. ଜି.ଆର -୫୨୨/୨୫)ର ବୃତାନ୍ତ ଶୁଣାଣି କରି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦।୧୧।୨୦୨୫ ରାତିରେ ଓକିଲ ପାଢୀ ତାଙ୍କ ୟାମାହା ବାଇକ୍ଟିକୁ ନିଜ ଘର ସମ୍ମୁଖରେ ରଖିଥିଲେ। ସକାଳେ ତାହା ଚୋରି ହୋଇଯାଇଥିବା ସେ ଜାଣିବାକୁ ପାଇଥିଲେ। ଏନେଇ ପାଢୀ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ଏକ ଚୋରି ମାମଲା ରୁଜୁ କରି ଏହାର ତଦନ୍ତ ପରେ ଅଭିଯୁକ୍ତ ସାନଖେମୁଣ୍ଡି ବ୍ଲକ ଜଗନ୍ନାଥପୁର ଗ୍ରାମର ଜଗନ୍ନାଥଙ୍କ ନିକଟରୁ ବାଇକ୍ ଜବତ କରି ତାଙ୍କୁ ଗିରଫ କରିଥିଲା। ଜଗନ୍ନାଥ ଓକିଲ ଦେବାକୁ ଅସମର୍ଥ ବୋଲି ମାଜିଷ୍ଟ୍ରେଟଙ୍କ ନିକଟରେ ପ୍ରକାଶ କରିବାରୁ ତାଙ୍କ ପାଇଁ ମାମଲା ଲଢ଼ିବାକୁ କୋର୍ଟ ପକ୍ଷରୁ ଓକିଲ ମନୋରଞ୍ଜନ ପଣ୍ଡାଙ୍କୁ ନିଯୁକ୍ତ କରାଯାଇଥିଲା। ମାମଲାରେ ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ନ ମିଳିବାରୁ ମାଜିଷ୍ଟ୍ରେଟ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାପଡିଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବ୍ରହ୍ମପୁର,୧୧।୩(ସୁବାସ ଚନ୍ଦ୍ର ପାଢ଼ୀ):

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସିଦ୍ଧାର୍ଥନଗର ଦ୍ୱିତୀୟ ସାରଣୀରେ ରହୁଥିବା ଅଶାନ୍ତି ସେଠୀ(୪୭)ଙ୍କ ମୃତଦେହ ପୋଲିସ ବୁଧବାର ମଧ୍ୟାହ୍ନରେ ଏକ କୋଠୀରୁ ଭିତରୁ ଜବତ କରିଛି। ତାଙ୍କ ଛାତି ଉପରେ ଥିବା ଏକ ଶିଳାପୁଆକୁ ମଧ ଜବତ କରାଯାଇଛି। ଝିଅକୁ ତା'ର ନଣନ୍ଦ ଓ ବୋହୂ ହତ୍ୟା କରିଥିବା ଅଶାନ୍ତିଙ୍କ ମା' ଖଦାଳ ସେଠୀ ଅଭିଯୋଗ କରିଛନ୍ତି। ଅଶାନ୍ତିଙ୍କ ସ୍ୱାମୀ ମୁରଲୀ ସେଠୀ ଜଣେ ସରକାରୀ କର୍ମଚାରୀ ଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ସେ ପେନସନ ଟଙ୍କା ପାଉଥିଲେ। ଏହାକୁ ନେଇ ଦୀର୍ଘମାସ ହେଲା ଲାଗି ରହିଥିବା ବିବାଦରୁ ଅଶାନ୍ତିଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ପଞ୍ଚନାମା ପରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ନଂ.୧୭୩/୨୬ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁ କିଭଳି ହୋଇଛି ଜଣାପଡିବ ବୋଲି ପୋଲିସ କହିଛି। ଅନ୍ୟପଟେ ପ୍ରାଥମିକ ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁକୁ ନେଇ ସନ୍ଦେହ ଦେଖାଦେଇଛି। ପୂର୍ଣ୍ଣାଙ୍ଗ ବ୍ୟବଚ୍ଛେଦ ପରେ ତାହା ସ୍ପଷ୍ଟ ହୋଇପାରିବ ବୋଲି ଏଫଏମଟି ବିଭାଗ ମୁଖ୍ୟ ପ୍ରଫେସର ଡା. ସୁଦୀପା ଦାଶ କହିଛନ୍ତି। ଅନ୍ୟପଟେ ପୋଲିସ ଅଶାନ୍ତିଙ୍କ ଘରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଯାଞ୍ଚ କରୁଥିବା କହିଛି। ପ୍ରକାଶ ଯେ, ବୁଗୁଡା ଅଞ୍ଚଳର ଖଦାଳ ସେଠୀଙ୍କ ଝିଅ ଅଶାନ୍ତିଙ୍କୁ ଭଞ୍ଜନଗର ଅଞ୍ଚଳର ମୁରଲୀ ଦ୍ୱିତୀୟ ବିବାହ କରିଥିଲେ। କିଛିମାସ ପୂର୍ବରୁ ମୁରଲୀଙ୍କ ମୃତ୍ୟୁ ଘଟିଥିଲା। ଅଶାନ୍ତିଙ୍କ ସହ ଉକ୍ତ ଘରେ ସ୍ୱାମୀଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ଓ ବୋହୂ ରହୁଥିଲେ। ବୁଧବାର ପୂର୍ବାହ୍ନରେ ଉକ୍ତ ସାହିରେ ରହୁଥିବା ଜଣେ ମହିଳା ଅଶାନ୍ତିଙ୍କୁ ଭେଟିବାକୁ ତାଙ୍କ ଘରକୁ ଯାଇଥିଲେ। ଭିତରକୁ ଯାଇ ତାଙ୍କୁ ଡାକିଥିଲେ ମଧ ନ ଶୁଣିବାରୁ ମହିଳାଙ୍କ ସନ୍ଦେହ ହୋଇଥିଲା। ସେ ଏନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଏବେ ଘଟଣାର ସମସ୍ତ ପାରିପାର୍ଶିକ ସ୍ଥିତିକୁ ନେଇ ତଦନ୍ତ ଜାରି ରଖିଛି।

# ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ସହ ବଡ଼ାଖାନା



ବଡାଖାନାରେ ସାମୂହିକ ଭୋଜନ।

ବ୍ରହ୍ମପୁର,୧୧।୩(ଅଶୋକ କୁମାର ସାହୁ)

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସଫେଇ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ବୁଧବାର ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର,ଯାହାର ଥିମ ଥିଲା "ସେବାକୁ ସମ୍ମାନ ସମସ୍ତେ ସମାନ" । ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସଫେଇ ମିତ୍ରଙ୍କ କରଯାଇଥିଲା । ଏକ ହଜାରରୁ ଅଧିକ ସଫେଇ କର୍ମଚାରୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିଇଏମସିର ଜାତୀୟ ସହରା ଞ୍ଚଳ ସ୍ୱାସ୍ଥ୍ୟ ମିଶନ ସହଯୋଗ କରିଥିଲା । ଗାରିମା ସ୍କିମ, ପରିମଳ ବ୍ୟବସ୍ଥାର ସମସ୍ତ ଗ୍ରୁପର ସଫେଇ କର୍ମଚାରୀ ଯୋଗଦେଇଥିଲେ । ଆଗା ସାହି ଓ ଆମ୍ବପୁଆ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଟିମ ସହ ରେଡ କ୍ରସ ଟିମ ସଫେଇ କର୍ମଚାରୀଙ୍କ ପରୀକ୍ଷା କରିଥିଲେ । ଉକ୍ତ ଟିମରେ ଅତିରିକ୍ତ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଶରତ କୁମାର ସାମଲ, ରେଡ କ୍ରସ ଟିମ ର ଡାକ୍ତର କାହ୍ନୁ ଚରଣ ପାତ୍ର ଉପସ୍ଥିତ ରହିଥିଲେ। ଯଦି କୌଣସି ଜଟିଳ ରୋଗ ନିରୂପଣ ହୁଏ ତେବେ ସିଟି ହସ୍ପିଟାଲ ବଡ ମେଡିକାଲ ସ୍ଥାନାନ୍ତର କରାଯାଏ। ଆୟୁଷ୍ମାନ କାର୍ଡ ମାଧ୍ୟମରେ ଚିକିତ୍ସା କରାଯିବ । ସାଧାରଣ ଭାବେ ଆଜିର ସ୍ୱାସ୍ଥ୍ୟ ଶିବିରରେ ସ୍କିନ ଆଲର୍ଜି,ଡଷ୍ଟ ଆଲର୍ଜି,ରକ୍ତ ହୀନତା ରୋଗ ଚିହ୍ନଟ ହୋଇଥିବା ଜଣାପଡିଛି ବୋଲି ସୂଚନା ଦେଇଛ ନ୍ତି ଗାରିମା ସ୍କିମର ଆଞ୍ଚଳିକ ସଂଯୋଜକ ରବୀ ନ୍ଦ୍ର କୁମାର ନାହକା ପରିଶେଷରେ ସାମୂହିକ ଭୋଜନ ହୋଇଥିଲା । କାର୍ଯ୍ୟକ୍ରମରେ ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ,ଡେପୁଟି କମିଶ ନର ଆଶୀର୍ବାଦ ପରିଡା,ଡେପୁଟୀ କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ସମେତ ସମସ୍ତ ଆସିଷ୍ଟାଣ୍ଟ କମିଶନର ଏବଂ ବହୁ କର୍ପୋରେଟର ସାମିଲ ହୋଇଥିଲେ ।

# ଗଞ୍ଜାମ ଓକିଲ ସଂଘ ନିର୍ବାଚନ: ୧୫ ପ୍ରାର୍ଥୀଙ୍କ ପ୍ରାର୍ଥିତ୍ୱ କାଏମ

ବ୍ରହ୍ମପୁର, ୧୧।୩ (ସୁବାସ ଚନ୍ଦ୍ର ପାଢ଼ୀ) :

ଗଞ୍ଜାମ ଓକିଲ ସଂଘର ୨୦୨୬-୨୭ ବର୍ଷ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିଥିବା ୧୫ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିତ୍ୱ କାଏମ ରହିଛି। ବୁଧବାର ପ୍ରାର୍ଥୀପତ୍ର ଯାଞ୍ଚ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଯାଞ୍ଚ ପରେ ସମସ୍ତଙ୍କ ପ୍ରାର୍ଥୀପତ୍ର ଠିକ ରହିଥିବା ନେଇ ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ରଙ୍କ ଠାରୁ ପ୍ରକାଶ। ସଭାପତି ପଦ ପାଇଁ ନିରଂଜନ ପ୍ରଧାନ, ରବୀନ୍ଦ୍ର କୁମାର ଦେଓ, ସୀତାଂଶୁ ଶେଖର ପଣ୍ଡା ଓ ତ୍ରିମୂଳ କୁମାର ରେଡ୍ଡୀ ପ୍ରାର୍ଥୀ ରହିଛନ୍ତି। ସେହିପରି ଉପସଭାପତି ପଦ ପାଇଁ ଅନୀଲ କୁମାର ପଣ୍ଡା, ସତ୍ୟନାରାୟଣ ବସନ୍ତିଆ, ସୀମାଞ୍ଚଳ ବିଷୋୟୀ, ଶ୍ରୀକାନ୍ତ ମହାପାତ୍ର ରହିଛନ୍ତି। ସମ୍ପାଦକ ପଦ ପାଇଁ ଜଗନ୍ନାଥ ମିଶ୍ର, ମଦନମୋହନ ପାତ୍ର, ଟୁଟୁ କୁମାର ପାତ୍ରଙ୍କ ପ୍ରାର୍ଥିବ କାଏମ ରହିଛି। ସେହିପରି ଯୁଗ୍ମସମ୍ପାଦକ ପଦବି ପାଇଁ ମନୋଜ କୁମାର ନାୟକ, ମନୋରଂଜନନ ପାଢୀ, ମୀରାବାଇ ପାଣିଗ୍ରାହୀ ଓ ରଂଜନ କୁମାର ସାମନ୍ତରାୟ ପ୍ରାର୍ଥୀ ରହିଛନ୍ତି। ୧୩ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୮ ତାରିଖ ଦିନ ସକାଳ ସାଢ଼େ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ। ଅପରାହ୍ଣ ୪ଟାରୁ ଭୋଟ ଗଣତି ପରେ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ମହାପାତ୍ର କହିଛନ୍ତି।

